IKYUJQ

ରୋଗୀସେବା

● ଉଦୟନାଥ ଷଡ଼ଙ୍ଗୀ

ଲେଖକ ପରିଚୟ :

ଉଦୟନାଥ ଷଡ଼ଙ୍ଗୀ (୧୯୦୫-୧୯୯୯) ଶିଶୁସାହିତ୍ୟିକ ଭାବରେ ଖ୍ୟାତି ଅର୍ଜନ କରିଛନ୍ତି । ତାଙ୍କ ରଚିତ 'ଟୁଉକୁମୂଷି', 'ଚକାଚକା ଭଉଁରୀ', 'ଜହ୍ନମାମୁ', 'ବିଲୁଆନନାର ବାହାଘର', 'ମିନିର ମନକଥା', 'ଆମ ଗ୍ରହ ଉପଗ୍ରହ', 'ଜଳଜନ୍ତୁ ସିରିଜ୍' ଓ 'ଆଦିବାସୀ କଥା' ଆଦି ଶିଶୁସାହିତ୍ୟ, ଅନୁବାଦ ଉପନ୍ୟାସ 'ଟମକକାଙ୍କ କୁଟୀର' ଓଡ଼ିଆ ସାହିତ୍ୟର ପାଠକମାନଙ୍କ ପାଖରେ ଅତି ପରିଚିତ ।

ସେବା ମଣିଷର ପରମ ଧର୍ମ । ସେବା କଲେ ଆନନ୍ଦ ମିଳେ । ଏହି ରଚନାରେ ନିଜ ଜୀବନର ଅନୁଭବକୁ ସେ ସାର୍ବଜନୀନ ଅନୁଭବରେ ରୂପାନ୍ତରିତ କରି ଦେଇଛନ୍ତି । ଏହି ଲେଖାଟି ଲେଖକଙ୍କ ଆତ୍ମଜୀବନୀ 'ଗାନ୍ଧି ମହାରାଜାଙ୍କ ଶିଷ୍ୟ' ପୁସ୍ତକରୁ ସଂଗୃହୀତ ।

ଗାଁ ଚାଟଶାଳୀର ଛାତ୍ର, ସାନ ପିଲା । ତେଣୁ ରାତିରେ ବାପାଙ୍କ ପାଖରେ ଶୋଉଥିଲି ।

ଚାଟଶାଳୀରୁ ଆସି ଦେଖିଲି, ବାପା ଦାଣ୍ଡପିଣ୍ଡାରେ ତଳେ ଶୋଇଅଛନ୍ତି । ତାଙ୍କ ପାଦରୁ ରକ୍ତ ବୋହିଯାଉଅଛି । ମାଟିପିଣ୍ଡା ରକ୍ତରେ କାଦୁଅ ଭଳି ହୋଇଗଲାଣି । ବୋଉ ଘର ଭିତରେ । ଭାଇନା ଦୁହେଁ ବୋଧହୁଏ ନାହାନ୍ତି । ବହି, ସିଲଟ ସେଇଠି ରଖିଦେଇ ତାଙ୍କ ପାଦ ପାଖରେ ବସିପଡ଼ିଲି । ରକ୍ତ ଦେଖି ଦେହ ଝିମିଝିମି ହୋଇଗଲାଣି । ତଥାପି କାନ୍ଧରେ ଥିବା ଗାମୁଛା ଚଉତାଇ ଗୋଡ଼ରେ ଭିଡ଼ି ବାନ୍ଧିଦେଲି । ଗାମୁଛା ରକ୍ତ ହୋଇଗଲା । ଅଳ୍ପ ସମୟ ପରେ ଦେଖିଲି, ରକ୍ତ ବହିବା ବନ୍ଦ ହୋଇଗଲାଣି ।

ଘର ଭିତରୁ ବୋଉ ବାହାରିଆସି ଏ ଅବସ୍ଥା ଦେଖିଲା । ଉଭୟେ ଧରାଧରି କରି ନେଇ ତାଙ୍କୁ ଘର ଭିତରେ ଶୁଆଇ ଦେଲୁ ।

ବାପା ବାଡ଼ି ଭିତରେ କଣ କାମ କରୁଥିଲେ । ଗୋଟାଏ ଭଙ୍ଗାକାଚ ପାଦରେ ପଶିଯାଇ ଏ ଦଶା ଘଟିଅଛି ।

ଡାକ୍ତରଖାନା ଦୂରରେ । ଗ୍ରାମର କୌଣସି ଲୋକ ଡାକ୍ତରଖାନା ସହିତ ସେତେ ପରିଚିତ ନୁହନ୍ତି । ସମସ୍ତଙ୍କର ଧାରଣା, କେବଳ କଟାକଟି କରିବାହିଁ ଡାକ୍ତରମାନଙ୍କ କାମ । କୌଣସିପ୍ରକାର ରୋଗବୈରାଗ ହେଲେ କେହି ଡାକ୍ତରଙ୍କ ନାମ ଧରନ୍ତି ନାହିଁ ।

ଗ୍ରାମରେ ଜଣେ ବୈଦ୍ୟ ଥାଆନ୍ତି । ଜ୍ୱର, କାଶ, ଝାଡ଼ା ପ୍ରଭୃତି ରୋଗ ପାଇଁ ଔଷଧ ଦିଅନ୍ତି । ଅଧିକାଂଶ ସମୟରେ ତାଙ୍କ ଦୁଆରେ ଭିଡ଼ ଜମି ରହିଥାଏ ।

COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

କେଉଁ ରୋଗପାଇଁ କେଜାଣି, ସମୟ ସମୟରେ ପିଲାମାନଙ୍କ ପିଠି ପାଖ ବେକରେ ସେ ଚଡ଼ୁ ଦିଅନ୍ତି । ଗୋଟାଏ ଲୁହା ତତାଇ ମାଡ଼ିଦିଅନ୍ତି । ଘାଆ ହୁଏ; ତାହା ଶୁଖିବାକୁ କେତେ ଦିନ ଲାଗିଯାଏ । ସେଥିପାଇଁ ପିଲାଏ ତାଙ୍କୁ ଦେଖିଲେ ଡରନ୍ତି । ପାଖକୁ ଯିବାକୁ ସାହସ କରନ୍ତି ନାହିଁ ।

ଭାଇନା ନାହାନ୍ତି; ବାପାଙ୍କ ଦଶା ଏପରି । ବାଧ ହୋଇ ବୈଦ୍ୟଙ୍କ ଘରକୁ ଗଲି ।

ବାପାଙ୍କ କଥା ଶୁଣି ବୈଦ୍ୟ ମୋ ସଙ୍ଗେସଙ୍ଗେ ଆସିଲେ । ଗୁଡ଼ିଏ କଅଁଳ ପତର ଛେଚି କଟାଘାଆରେ ପୂରାଇଦେଇ ଆଉ ଖଣ୍ଡିଏ କନା ଜୋର୍‌ରେ ଭିଡ଼ି ବାନ୍ଧିଦେଲେ ।

ରାତିରେ ଶୋଇଛି । ଉଃ ଆଃ ଶବ୍ଦ ଶୁଣି ଉଠିବସିଲି । ଦେଖିଲି, ବାପା ସେ ଗୋଡ଼ ଆଉଁଶୁ ଅଛନ୍ତି । ମୁହଁ ବିକୃତିରୁ ଯନ୍ତ୍ରଣା ଯେ ଅତି ବେଶି ହେଉଅଛି, ତାହା ଜାଣିପାରିଲି ।

ପାଦ ପାଖରେ ବସି ପାଦ ଆଉଁଶିଦେଲି । ବୋଧହୁଏ ଟିକିଏ ଆରାମ ଲାଗିଲା । ସେ ଘୁଙ୍ଗୁଡ଼ି ମାରିଲେ । ମୁଁ ସେହିପରି ବସିରହି ପାଦରେ ହାତ ବୁଲାଉଥାଏ ।

ପାହାନ୍ତା ପହରକୁ ନିଦ ଭାଙ୍ଗିଗଲା । ଦେଖିଲେ, ରାତିଯାକ ବସିରହି ପାଦ ଆଉଁଶି ଦେଉଅଛି । କୋଳପାଖକୁ ଟାଣିନେଲେ, ମୁଣ୍ଡ ଓ ପିଠିରେ ହାତ ବୁଲାଇ ଆଦର କରି କହିଲେ, 'ଯା ଶୋଇପଡ଼ ।'

ପରଦିନ ଦୂରରେ ଥାଇ ଶୁଣିଲି, ବୋଉକୁ କହୁଅଛନ୍ତି, 'ପିଲାଟା କାଲି ରାତିରେ ଜମା ଶୋଇ ନାହିଁ ।' ଖୁସି ଲାଗିଲା ।

ପ୍ରତିଦିନ ବୈଦ୍ୟଙ୍କଠାରୁ ଔଷଧ ଆଣି ଲଗାଇ ଦିଏ । ଯତ୍ନରେ କନା ବାନ୍ଧେ । ଦେଖିଲି, ବୈଦ୍ୟ କଅଁଳ ଦୂବଘାସ କିଛି ଛିଡ଼ାଇଆଣି ତାକୁ ଛେଚି ଗୋଟିଏ ପତ୍ର ପୁଡ଼ିଆରେ ମୋ ହାତରେ ଦେଉଅଛନ୍ତି । ପରଦିନ ଆଉ ବୈଦ୍ୟଙ୍କ ପାଖକୁ ଗଲି ନାହିଁ । ବାଡ଼ି ଭିତରୁ ଦୂବଘାସ ଆଣି, ଭଲରୂପେ ଛେଚି ଘାଆରେ ବାନ୍ଧିଦେଲି । ପ୍ରାୟ ପନ୍ଦରଦିନ ପରେ ଘାଆ ଶୁଖିଗଲା ।

ପରେ ଶ୍ରେଣୀରେ ପାଠ୍ୟ ସ୍ୱାସ୍ଥ୍ୟରକ୍ଷା ବହିରେ ପଢ଼ିଥିଲି, କଟା ଘାଆରେ ଦୂବ ଛେଚି କିମ୍ବା ପାଟିରେ ଚୋବାଇ ଲଗାଇଦେଲେ ରକ୍ତ ବୋହିବା ସଙ୍ଗେସଙ୍ଗେ ବନ୍ଦ ହୋଇଯିବ । ଘାଆ ମଧ୍ୟ ଶୀଘ୍ର ଶୁଖିଯିବ ।

ପନ୍ଦର ଦିନ ପରେ ପାଦର ଘାଆ ଭଲ ହେଲା; କିନ୍ତୁ ମୋର ଗୋଡ଼ ଆଉଁଶି ଦେବା ଅଭ୍ୟାସ ରହିଗଲା । ପ୍ରତିଦିନ କିଛି ସମୟ ବାପାଙ୍କ ଗୋଡ଼, ପିଠି, ଅଣ୍ଟା ଚିପି ଦେଲା ପରେ ମୁଁ ଶୋଇପଡ଼େ । ଘରେ ରହିଥିବା ପର୍ଯ୍ୟନ୍ତ ଏହା ମୋର ଦୈନନ୍ଦିନର କର୍ତ୍ତବ୍ୟରେ ପରିଣତ ହୋଇଥିଲା । ବାର୍ଷିକ ପରୀକ୍ଷାପାଇଁ ରାତି ଅନିଦ୍ରା ହୋଇ ପଢ଼ାପଢ଼ି କଲାବେଳେ ଅନ୍ତତଃ ଘଣ୍ଟାଏ ସମୟ ଏଥିରେ ଯାଉଥିଲା– ତାଙ୍କର ବାରମ୍ବାର ବାରଣ ସତ୍ତ୍ୱେ ।

୧୯୨୭ ମସିହାରେ ମାଟ୍ରିକ୍ୟୁଲେସନ ପରୀକ୍ଷା ପରେ ଘରେ ଆସି ରହିଥିଲି । ସେହି ସମୟରେ ୭୨ ବର୍ଷ ବୟସରେ ପିତାଙ୍କର ପରଲୋକ ହେଲା । ଦଶ ବାର ଦିନ ଶଯ୍ୟାଶାୟୀ ହୋଇଥିଲେ । ଗ୍ରହଣୀ ଝାଡ଼ା । ରାତିଦିନ ପାଖରେ ବସିରହି ସେବାଶୁଶ୍ରୂଷା କଲି । ଡାକ୍ତର ଡାକିବାକୁ ଅନୁରୋଧ କଲି; ବାରମ୍ବାର ବାରଣ କଲେ । ସବୁଥର କପାଳରେ ହାତମାରି କହନ୍ତି, "ଯାହା କରିବେ ସାଇଁ, ତାହା କାହାରି ହାତରେ ନାହିଁ ।" ବୈଦ୍ୟଙ୍କଠାରୁ ଔଷଧ ଆଣିଲି, ଖାଇଲେ ନାହିଁ ।

COMPETITIVE BOOKS
All Books With Solutions
CBS

ସତ୍ୟବାଦୀ ସ୍କୁଲରେ ରୋଗୀସେବା କରିବା ତାଲିମ ପାଇଥିଲି । ତାହା ହିଁ କାର୍ଯ୍ୟରେ ଲଗାଇଲି । ଘନଘନ ବିଛଣା ଚାଦର ମଇଳା ହୋଇଯାଉଥାଏ । ପାଖରେ ଆଉ ଗୋଟିଏ ବିଛଣା କରି ତାଙ୍କୁ ସେଠାକୁ ଉଠାଇ ଆଣେ । ମଇଳା ବିଛଣା ସଫା କରିଦିଏ । କ୍ଷୀଣ ଶରୀର, କାଖ ପାଖରେ ଓ ଅଣ୍ଟାରେ ହାତ ଦେଇ ଉଠାଇ ଆଣିବାକୁ ଅସୁବିଧା ହୁଏ ନାହିଁ । ଦିନଯାକ ତ ପାଖରେ ବସିରହେ; ରାତିତମାମ ମଧ୍ୟ ଜଗି ରହିବାକୁ ପଡ଼େ । ବୋଉ କି ଭାଇନା ରାତିରେ ସମୟ ସମୟରେ ମୋତେ ଉଠାଇ ଦେଇ ଆସି ପାଖରେ ବସନ୍ତି । ଏଣେ ମୋ ଆଖିକୁ ତ ନିଦ ହୁଏ ନାହିଁ; ତେଣେ ବାପାଙ୍କର ଟିକିଏ ନିଦ ଭାଙ୍ଗିଗଲେ ଆଗ ଖୋଜନ୍ତି ମୋତେ ।

ଶେଷ ତିନି ଦିନ ଅଚୈତନ୍ୟ ଅବସ୍ଥାରେ ପଡ଼ିରହିଲେ । ଯେତେବେଳେ ଟିକିଏ ଚେତନା ଆସେ, ଅତି ଆଦରରେ ମୋ ମୁହଁ ପିଠିରେ ହାତ ବୁଲାଇ ଆଣନ୍ତି । ସ୍ନେହପୂର୍ଣ୍ଣ ଚକ୍ଷୁରେ ଚାହିଁ ରହନ୍ତି ।

ବର୍ତ୍ତମାନ ମଧ୍ୟ ଏହି ବର୍ଣ୍ଣନାକୁ ରୂପ ଦେଲାବେଳେ ସେ ସ୍ନେହପୂର୍ଣ୍ଣ ଢଳଢଳ ମୁହଁ ଆଖି ଆଗରେ ନାଚିଗଲା ଭଳି ଜଣାପଡୁଅଛି । ଯଦି ଚିତ୍ରକର ହୋଇଥାଆନ୍ତି,ତେବେ ତା'ର ଗୋଟିଏ ଅପରୂପ ଛବି ଆଙ୍କି ଦେଇପାରନ୍ତି ।

x x x x x

ଏତିକିବେଳେ ବୋଉ କଥା ମନେ ପଡୁଅଛି ।

ବାପାଙ୍କ ଦେହତ୍ୟାଗର ପାଞ୍ଚବର୍ଷ ପରେ ମା ଛେଉଣ୍ଡ ହୋଇଥିଲି ।

ସେତେବେଳକୁ ଦତ୍ତ ପ୍ରେସରେ ଚାକିରି କଲିଣି । ଦୁଇ ତିନି ମାସରେ ଥରେ ଗ୍ରାମକୁ ଯାଏ । ଦୁଇ ତିନି ଦିନ ମାତ୍ର ରହି କାର୍ଯ୍ୟକ୍ଷେତ୍ରକୁ ଫେରିଆସେ । ମନରେ ଖେଳେ ଶୀଘ୍ର ନ ଗଲେ ପ୍ରେସ କାମରେ ଅସୁବିଧା ହେଉଥିବ ।

ମାସକ ଆଗରୁ ଘରୁ ଫେରିଥାଏ । ତଥାପି କେଜାଣି କାହିଁକି ଘରକୁ ଯିବାକୁ ମନ ହେଲା । ପାଠ୍ୟପୁସ୍ତକ ଛାପା ଚାଲିଥାଏ । କାମର ଭିଡ଼ । ମାଲିକ ମନା କରୁଥାଆନ୍ତି । ଦିନକ ପରେ ଚାଲିଆସିବି କହି ଦୁଇଟାବେଳର ବସ୍ ଧରିଲି । ପାଞ୍ଚଟାବେଳେ ଘରେ ପହଞ୍ଚିଲି ।

ପ୍ରଥମେ ଆଖି ପଡ଼ିଲା ବୋଉ ଉପରେ । ସେ ଦୁଆରେ ଶୋଇଅଛି । ଶୁଣିଲି, ଖରାବେଳେ (ବୋଧହୁଏ ମୁଁ ଯେଉଁ ସମୟରେ ବସ୍‌ରେ ବସୁଥିଲି) ବାଡ଼ି ଭିତରେ ପଡ଼ିଗଲା; ଆଉ ଉଠିପାରିଲା ନାହିଁ । ଭାଇନା ଟେକିଆଣି ଦୁଆରେ ଶୁଆଇ ଦେଇଅଛନ୍ତି ।

ଦେହରେ ହାତ ମାରି ଦେଖିଲି ତାତି ବହୁତ ବେଶି । ୧୦୩ ଡିଗ୍ରୀ ପର୍ଯ୍ୟନ୍ତ ଜର । ଯନ୍ତ୍ରଣାରେ ଛଟପଟ ହେଉଅଛି । ମୁଣ୍ଡରେ ପାଣିପଟି ଦେଲି । ପାଖରେ ବସି ଗୋଡ଼ହାତ ଘଷି ଦେଲି ।

ତାତି ଟିକିଏ କମିଯିବାରୁ ବୋହୂମାନଙ୍କୁ ଡାକି ବରାଦ କଲା, "ପୁଅକୁ ଖାଇବାକୁ ଦିଅ ।" ଟିକିଏ ଆଶ୍ୱସ୍ତ ହେଲି । ଥରକୁଥର ଜିଦ୍ କରିବାରୁ ସେହି ଶଯ୍ୟା ପାଖରେ ବସି ଖାଇଲି ।

ରାତିକୁ ସଂଜ୍ଞାହୀନ ହୋଇଗଲା । ଡାକ୍ତର ଆସି ଔଷଧର ବ୍ୟବସ୍ଥା କଲେ, ମାତ୍ର ଫଳ ବିଶେଷ କିଛି ହେଲା ନାହିଁ ।

ଦିନକ ପରେ ଟିକିଏ ପ୍ରକୃତିସ୍ଥ ହେଲା । ଆଖି ଫିଟାଇ ଚାହିଁଲା । ଦେଖିଲା, ମୁଁ ପାଖରେ ବସି ପିଠି ଆଉଁଶି

ହାତ ହଲାଇ ପାଖକୁ ଡାକିଲା । ମୁହଁ ପାଖକୁ ଘୁଞ୍ଚି ଆସିଲି । ମୁଣ୍ଡରେ ହାତ ବୁଲାଉବୁଲାଉ କାନ୍ଦି ପକାଇଲା । ଖନେଇଖନେଇ କହିଲା, "ମୋ ଧନକୁ କିଏ ଆଣିଲାଟି ?"

ରାତିକୁ ବେଶ୍ ସୁସ୍ଥ ବୋଧ କଲା । ଡାକ୍ତର ଆଶ୍ୱାସନା ଦେଲେ, "ଔଷଧ କାଟୁ କରିଅଛି । ଆଉ ଅନ୍ତତଃ ଆଶଙ୍କା ନାହିଁ ।"

ପରଦିନ ସକାଳେ ଟିକିଏ ପ୍ରଫୁଲ୍ଲ ଦେଖାଗଲା । ମୋ ଖାଇବା ବିଷୟରେ ଭାଉଜମାନଙ୍କୁ ନାନା ପ୍ରକାର ବରାଦ କଲା । ମନେକଲି, ଡାକ୍ତରଙ୍କ ଆଶ୍ୱାସନା ବାଣୀ ସତ ହେବ ।

ଦିନକପାଇଁ କହି ଆସି ତିନିଦିନ ହୋଇଗଲାଣି । ବୋଉକୁ ଅନୁମତି ମାଗିଲି, "ଆଜି କଟକ ଯାଉଅଛି । ଦଶ ପନ୍ଦର ଦିନ ପରେ ପୁଣିଥରେ ଆସିବି ।"

ଆଉ ଥରେ ମୋ ପିଠିରେ ହାତ ବୁଲାଇ ଦେଇ ଖନେଇ ଖନେଇ କହିଲା, "ବାବାଟା ପରା, ଆସିଛୁ ଯେତେବେଳେ ଆଉ ଦୁଇଟାଦିନ ରହିଯା ।" ଅସ୍ପଷ୍ଟ ସ୍ୱରରେ ଗାଇଲା – "ଆରେ ବାବୁ ଶ୍ୟାମଘନ; ତୁ ଗଲେ ମଧୁଭୁବନ,କାହା ମୁଖ ଅନାଇ ବଞ୍ଚିବି ।"

ସେ ସ୍ନେହପୂର୍ଣ୍ଣ ଆଦେଶ ଭାଙ୍ଗିପାରିଲି ନାହିଁ । ପାଖରେ ବସି ରହିଲି । ବିଛଣାରେ ମଳମୂତ୍ର ତ୍ୟାଗ କରେ । ସଙ୍ଗେ ସଙ୍ଗେ ତାହା ସଫା କରି ବିଛଣା ଓ ଲୁଗା ବଦଳାଇ ଦିଏ ।

ରାତିକୁ ଅବସ୍ଥା ପୁଣି ଖରାପ ହୋଇଆସିଲା । ପାହାନ୍ତା ସମୟକୁ କହିଲା, "ମୋତେ ଟିକିଏ ଦୁଆରକୁ ନେଇଯାଆ । ଘର ଭିତରେ ଆଉ ସୁଖ ଲାଗୁନାହିଁ ।"

ଦୁଆରେ ବିଛଣା କରି ଟେକିଆଣି ଶୁଆଇଦେଲି । ଥରେ ଆଖିମେଲି ଚାହିଁଲା । ବଡ଼ ସ୍ନେହଭରା ଅଥଚ କରୁଣ ସେ ଚାହାଣି । ହାତ ଉଠାଇବାକୁ ଚେଷ୍ଟା କଲା, ଉଠାଇପାରିଲା ନାହିଁ । ଜାଣିପାରି ମୁଁ ହାତକୁ ଧରି ଟେକିଦେବାକୁ ଚେଷ୍ଟା କଲି । ମୋ ହାତକୁ ମୁଠାଇ ଧରିଅଛି । ଆଖି ବୁଜି ହୋଇଗଲା – ସବୁ ଶେଷ ।

ଏବେ ମଧ ଦୃଢ଼ ବିଶ୍ୱାସ, ମୋର ଜୀବନକାଳ ମଧ୍ୟରେ ସବୁ କାର୍ଯ୍ୟରେ, ଏପରିକି ଏହି କଥାଗୁଡ଼ିକ ବର୍ଣ୍ଣନା କଲାବେଳେ ପିତାମାତାଙ୍କର ସେହି ଅନ୍ତିମ ଆଶୀର୍ବାଦ ହିଁ ତା'ପଛରେ ରହି ପ୍ରେରଣା ଦେଉଅଛି । ଆପଦବିପଦ, ଦୁଃଖସୁଖ, ରୋଗଯନ୍ତ୍ରଣା ସବୁ ସମୟରେ ମୋତେ ସାନ୍ତ୍ୱନା ଦେଉଅଛି; ଦେହରେ ବଳ, ମନରେ ଶକ୍ତି ଦେଉଅଛି ।

ବୋଉ ସେ ଯୁଗର ଅକ୍ଷର ମଡ଼ାଇ ନ ଥିବା ମଫସଲୀ ମହିଳା । କିନ୍ତୁ ତା'ର ସ୍ମରଣ ଶକ୍ତି ଅତି ପ୍ରଖର ଥିଲା । ଘରେ ତ ପ୍ରାୟ ପ୍ରତ୍ୟହ କୌଣସି ନା କୌଣସି ପୁରାଣ ପାଠ ହୁଏ । ସେ ସବୁଦିନ ଆଗ୍ରହରେ ଶୁଣେ । ବରଂ ତାହାରି ବରାଦରେ ହିଁ ଭାଇନା ପୁରାଣ ପାଠ କରନ୍ତି । ଥରେ ମାତ୍ର ଶୁଣି ସେ ସୁନ୍ଦର ଭାବରେ ବୁଝିଯାଏ, ଅନେକ ସମୟରେ ଅନ୍ୟାନ୍ୟ ଶ୍ରୋତା – ଭାଇନା, ବାପା, କକେଇ ବୁଝିପାରନ୍ତି ନାହିଁ । ସେ ସମ୍ପର୍କରେ ଆଲୋଚନା, ଯୁକ୍ତିତର୍କ ଚାଲେ । ଶେଷରେ ବୋଉର କଥା ହିଁ ଠିକ୍ ହୁଏ ।

x x x x x

୧୯୨୨ ମସିହା । ଅଳକାଶ୍ରମରେ ଆଖପାଖ କେତୋଟି ଗ୍ରାମରେ ଭୀଷଣ ହଇଜା ବ୍ୟାପିଗଲା । ସୁଦର୍ଶନ ପ୍ରହରାଜ – ମୋର ସୁଦୁରିଆନା ସାଇକେଲରେ ଗାଁ ଗାଁ ବୁଲି ରୋଗୀଙ୍କ ସେବାରେ ଲାଗିଗଲେ । ମୁଁ ତାଙ୍କର ବଡ଼ ଭକ୍ତ,

ଘରଘର ବୁଲି ରୋଗୀଙ୍କ ଅବସ୍ଥା ଦେଖୁ । ଡାକ୍ତରଖାନାରୁ ଔଷଧ ନେଇ ଖାଇବାକୁ ଦେଉ । ଗୁରୁତର ରୋଗୀମାନଙ୍କୁ ଡାକ୍ତରଖାନାକୁ ଆଣିବାର ବ୍ୟବସ୍ଥା କରୁ । ସାନିଟାରୀ ଇନିସ୍‌ପେକ୍ଟରଙ୍କୁ ଧରି କୂଅ, ପୋଖରୀ ବିଶୋଧନ କରାଉ । ଅନେକ ସମୟରେ ସାଗୁପାଣି ତିଆରି କରି ସଙ୍ଗରେ ନେଇଥାଉ । ଗରିବମାନଙ୍କର ତାହା ପଥ୍ୟ ହୁଏ । ଆଶ୍ରମରୁ ସକାଳୁ ବାହାରିଗଲେ ଦିନେଦିନେ ଫେରିବାକୁ ରାତି ବେଶି ହୋଇଯାଏ । କିନ୍ତୁ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀଙ୍କର କଡ଼ା ତାଗିଦା ଥାଏ, ସନ୍ଧ୍ୟା ପୂର୍ବରୁ ଫେରିବ । ଆଶ୍ରମ ଭିତରକୁ ଯିବା ପୂର୍ବରୁ ଗୋଡ଼ହାତ ଫିନାଇଲ ପାଣିରେ ଧୋଇବ, ଗରମ ପାଣିରେ ଗାଧୋଇବ ।

ସୁଦର୍ଶନ ପ୍ରହରାଜ ଜଣେ ବଳିଷ୍ଠ, କର୍ମଠ ଓ ପରଦୁଃଖକାତର ବ୍ୟକ୍ତି । କାମରେ ଲାଗିପଡ଼ିଲେ ଭୋକଶୋଷ ଭୁଲିଯାଆନ୍ତି । ଶୀତ, ବର୍ଷା, ଜୁନ୍ ମାସର ଟାଣ ଖରା ତାଙ୍କୁ କାମରେ ବାଧା ଦେଇପାରେ ନାହିଁ । ଏଭଳି ଗୁରୁ ପାଖରେ ଶିଷ୍ୟଙ୍କୁ ତ୍ରାହି ମିଳିବା ସମ୍ଭବ ନୁହେଁ । ତେଣୁ ନିରଳସ ଭାବରେ ହିଁ ଖଟିବାକୁ ପଡୁଥାଏ । ସେଥିରେ ମନରେ ଦୁଃଖ ନ ହୋଇ ବରଂ ଆନନ୍ଦ ମିଳୁଥାଏ ।

ସତ୍ୟବାଦୀ ସ୍କୁଲରେ ତ ରୋଗୀସେବା ପାଠ୍ୟର ଗୋଟାଏ ଅଙ୍ଗ ଥିଲା । ଛୋଟ ଛୋଟ ପିଲାମାନଙ୍କ ଦେହ କାଛୁରେ ପୂରି ଯାଇଥାଏ । ସକାଳେ ନିମ୍ବପତ୍ର ସିଝା ଗରମପାଣିରେ ଆଚାର୍ଯ୍ୟ ମହାଶୟ ନିଜେ ତାହା ଧୋଇ ସଫା କରି ଦିଅନ୍ତି । କଷ୍ଟ ହେଉଥିଲେ ମଧ୍ୟ ତାଙ୍କ ଆଗରେ ମୁହଁ ବିକୃତ କରିବାକୁ ପିଲାମାନଙ୍କୁ ଲାଜ ଲାଗେ । ଆଚାର୍ଯ୍ୟ ମହାଶୟ ଏଭଳି କଥାସବୁ କହି ପିଲା ମନକୁ ସରସ କରିଦିଅନ୍ତି ଯେ, କାଛୁଧୁଆ କଷ୍ଟ ସେ ଜାଣିପାରେ ନାହିଁ ।

ପାଳି ଅନୁସାରେ ଜଣେ ଲେଖାଏଁ ପିଲା ପ୍ରତିଦିନ ରୋଗୀସେବା କରନ୍ତି । ଯାହାର ପାଳି, ତାହାର କାମ ହେଉଛି, ସକାଳେ ଗୋଟିଏ ଛୋଟ ଗ୍ଲାସରେ କିଛି କିଛି ନିମ୍ବ ଛେଲି ବା ଚିରେଇତା ସିଝା ପାଣି ପ୍ରତି ପିଲାକୁ ଦେବ । ଯେତେ ବଡ଼ ଅରୁଚିକର ହୋଇଥିଲେ ମଧ୍ୟ କାହାରି ନ ଖାଇବାକୁ ସାଧ୍ୟ ନାହିଁ । ରୋଗୀ-ସେବକ ଆଚାର୍ଯ୍ୟ ମହାଶୟଙ୍କୁ କହିଦେବେ ଯେ ! କିନ୍ତୁ ଯେ ସମସ୍ତଙ୍କୁ ଖୁଆଏ, ସେ ଦିନଟା ତା'ର ଭାରି ଆନନ୍ଦ । ସେ ନିଜେ ଖାଏ ନାହିଁ – ତା'କଥା ଆଚାର୍ଯ୍ୟ ମହାଶୟଙ୍କୁ କହିବାକୁ ତ କେହି ନାହିଁ ।

ଛାତ୍ରାବାସର କୌଣସି ପିଲା ଜ୍ୱର ବା ଅନ୍ୟ କିଛି ବେମାରରେ ପଡ଼ିଲେ ତା ପାଖରେ ରାତିଦିନ ବସି ରହିବାକୁ ପଡ଼େ । ଡାକ୍ତରଖାନାରୁ ଔଷଧ ଆଣି ଠିକ୍ ସମୟରେ ଖୁଆଇବା; ନିର୍ଦ୍ଦିଷ୍ଟ ବେଳାରେ ଦେହର ଉତ୍ତାପ ମାପି ଚାର୍ଟରେ ପୂରଣ କରିବା; ଦୁଧ, ବାର୍ଲି, ସାଗୁ, ପସାରୁଣି ପତ୍ର ସଂଗ୍ରହ କରି ଆଣି ପଥ୍ୟ କରାଇବା ତା'ର ଦାୟିତ୍ୱ । ଯାହାର ଯେଉଁଦିନ ପାଳି, ସେଦିନ ସେ ନିଷ୍ଠାର ସହିତ ଏହା କରିଥାଏ । ଏପରିକି ରୋଗୀର ମୁଣ୍ଡ, ଗୋଡ଼ ଚିପିଦେବା, ଝାଡ଼ା ପରିସ୍ରା ବିଛଣାରେ ହୋଇଗଲେ, ତାହା ସଫା କରିବାକୁ ସେ ତିଳେହେଲେ କୁଣ୍ଠାବୋଧ କରି ନ ଥାଏ । ପାଠ ପଢ଼ିବା ସଙ୍ଗେସଙ୍ଗେ ପିଲା ଏହି ସେବାକାର୍ଯ୍ୟରେ ଅଭ୍ୟସ୍ତ ହୋଇଯାଏ । ଅନ୍ୟାନ୍ୟ ସ୍କୁଲଠାରୁ ସତ୍ୟବାଦୀ ସ୍କୁଲର ଯେ ବିଶେଷତ୍ୱ ଥିଲା, ଏହି ରୋଗୀସେବା ସେସବୁ ମଧ୍ୟରୁ ଅନ୍ୟତମ ।

ବର୍ଷକେ ଥରେ ରଥଯାତ୍ରା ସମୟରେ ପୁରୀ ଯାଇ ଯାତ୍ରୀଙ୍କ ସେବା କରିବା ଦାୟିତ୍ୱ ସତ୍ୟବାଦୀ ସ୍କୁଲ ପିଲାମାନଙ୍କ ଉପରେ ପଡ଼ିଥାଏ । ଲକ୍ଷ ଲକ୍ଷ ଯାତ୍ରୀ ସମାଗମ ହେତୁ ସେ ସମୟରେ ପ୍ରଥମେ ପୁରୀରେ ହଇଜା ଦେଖାଦିଏ ଓ କ୍ରମେ ଅନ୍ୟତ୍ର ବ୍ୟାପିଯାଏ ।

ଯାତ୍ରୀମାନଙ୍କୁ ସାହାଯ୍ୟ କରିବା ଓ ରୋଗୀମାନଙ୍କ ସେବା କରିବାପାଇଁ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିମନ୍ତ୍ରଣରେ ସ୍କୁଲରୁ ବହୁସଂଖ୍ୟକ ଛାତ୍ର ସ୍ୱେଚ୍ଛାସେବକ ହୋଇ ଯାଇଥାଆନ୍ତି । ସେମାନଙ୍କର ରହିବା ଓ ଖାଦ୍ୟପେୟର ସୁବନ୍ଦୋବସ୍ତ ସରକାରଙ୍କ ପକ୍ଷରୁ କରାଯାଇଥାଏ । ଜଣେ ଡାକ୍ତର ମଧ୍ୟ ସେମାନଙ୍କ ପାଇଁ ଖଞ୍ଜା ଯାଇଥାଆନ୍ତି ।

ଲେଖକଙ୍କୁ କେବଳ ଦୁଇଟି ରଥଯାତ୍ରାରେ ସ୍ୱେଚ୍ଛାସେବକ ହେବାର ସୁଯୋଗ ମିଳିଥିଲା ।

ସୂଚନା :

ଚଉତିବା - ଚାରିଭାଗଁ କରି ସଜାଡ଼ିବା

ଚଡ଼ୁଦେବା - ଲୁହାକୁ ଗରମ କରି ଦେହରେ ଚେଙ୍କ ଦେବା

ଯାହା କରିବେ ସାଇଁ,

ତାହା କାହାରି ହାତରେ ନାହିଁ - ଏହା ଏକ ଲୋକବାଣୀ । ବିଧାତାଙ୍କ ବିଧାନକୁ କେହି ଅଟକାଇ ପାରିବେ ନାହିଁ । (ଯାହା ଘଟିବାର ଥିବ, ତାହା ଅବଶ୍ୟ ଘଟିବ)

ଅଚୈତନ୍ୟ ଅବସ୍ଥା - ଚେତାଶୂନ୍ୟ ଅବସ୍ଥା

ଅପରୂପ - ଅତ୍ୟନ୍ତ ସୁନ୍ଦର, ଯାହାର ତୁଳନା ନ ଥାଏ

ସଂଜ୍ଞାହୀନ - ଚେତାଶୂନ୍ୟ

ଆଚାର୍ଯ୍ୟ ମହାଶୟ - ଋଷିପ୍ରତିମ ହରିହର ଦାସ । ଉତ୍କଳମଣି ଗୋପବନ୍ଧୁଙ୍କର ସାଥୀ ଏବଂ ସତ୍ୟବାଦୀ ବନବିଦ୍ୟାଳୟର ଅନ୍ୟତମ ଶିକ୍ଷକ । ଶ୍ରଦ୍ଧାରେ ଲୋକେ ତାଙ୍କୁ ଆଚାର୍ଯ୍ୟ ହରିହର ଅଥବା ଆଚାର୍ଯ୍ୟ ମହାଶୟ କହନ୍ତି । ସେ ୧୮୭୯ ମସିହାରେ ଜନ୍ମଗ୍ରହଣ କରି ୧୯୭୧ ମସିହାରେ ମୃତ୍ୟୁବରଣ କରିଥିଲେ । ରୋଗୀସେବା ଓ ଜନସେବା ତାଙ୍କ ଜୀବନର ବ୍ରତ ଥିଲା ।

ଅଳକାଶ୍ରମ - ଜଗତସିଂହପୁର ଜିଲ୍ଲାର ଅଳକା ନଦୀକୂଳରେ ଗାନ୍ଧିବାଦୀ ଆଶ୍ରମ । ସ୍ୱାଧୀନତା ଆନ୍ଦୋଳନ ସମୟରେ ଏହାର ପ୍ରମୁଖ ଭୂମିକା ଥିଲା ।

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS

ଆସ, ଜାଣିବା କେତୋଟି ନୂତନ ଶବ୍ଦ

ସମାଗମ, ତାଲିମ୍, ପ୍ରଖର, ସ୍ୱେଚ୍ଛାସେବକ
ବିକୃତି, ଛେଉଣ୍ଡ, ତାଗିଦା, ଖଞ୍ଜା

ଅଭ୍ୟାସକାର୍ଯ୍ୟ

(୧) ଆସ, କଥାବାର୍ତ୍ତା ହେବା।

(କ) ସେ ସମୟରେ ଗ୍ରାମବାସୀମାନଙ୍କର ଡାକ୍ତରଙ୍କ ବିଷୟରେ କ'ଣ ଧାରଣା ଥିଲା ?

(ଖ) ଛୋଟ ପିଲାମାନେ କାହିଁକି ବୈଦ୍ୟଙ୍କୁ ଦେଖି ଡରୁଥିଲେ ?

(ଗ) କଟାଘା'ର ଚିକିତ୍ସା ବିଷୟରେ ସ୍ୱାସ୍ଥ୍ୟରକ୍ଷା ବହିରେ କ'ଣ ଲେଖାଥିଲା ?

(ଘ) ବୈଦ୍ୟ ଗୋଡ଼ର କଟାଘାଆ ଶୁଖାଇବା ପାଇଁ କେଉଁ ଜିନିଷର ବ୍ୟବହାର କରୁଥିଲେ ?

(ଙ) 'ସୁଦୁରିଆନା' କିଏ ?

(୨) ଦୁଇ ବା ତିନୋଟି ଧାଡ଼ିରେ ଆସ ଉତ୍ତର ଲେଖିବା ।

(କ) 'ଯାହା କରିବେ ସାଇଁ, ତାହା କାହାରି ହାତରେ ନାହିଁ' - ଲେଖକଙ୍କ ବାପା ଏକଥା କାହିଁକି କହିଥିଲେ ?

(ଖ) ବୋଉଙ୍କର ସ୍ନେହପୂର୍ଣ୍ଣ ଆଦେଶ ଲେଖକ ଭାଙ୍ଗି ନ ପରିବାର କାରଣ କ'ଣ ?

(ଗ) ସୁଦର୍ଶନ ପ୍ରହରାଜଙ୍କର ବ୍ୟକ୍ତିତ୍ୱ କିପରି ଥିଲା ?

(ଘ) ସତ୍ୟବାଦୀ ବିଦ୍ୟାଳୟର ଛାତ୍ରମାନେ କିପରି ରୋଗୀସେବା କରୁଥିଲେ ?

(୩) ଆସ, ମନେ ପକାଇ ଉତ୍ତର ଲେଖିବା ।

(କ) ଲେଖକ ଉଦୟନାଥ ଷଡ଼ଙ୍ଗୀ ତାଙ୍କ ବାପା ବୋଉଙ୍କର କିପରି ସେବା କରିଥିଲେ ?

(ଖ) ସତ୍ୟବାଦୀ ବିଦ୍ୟାଳୟରେ ଛାତ୍ରମାନଙ୍କୁ ରୋଗୀସେବା କାହିଁକି ଶିକ୍ଷା ଦିଆଯାଉଥିଲା ?

(ଗ) ଆଚାର୍ଯ୍ୟ ମହାଶୟ ଛାତ୍ରାବାସରେ ଶିକ୍ଷାର୍ଥୀମାନଙ୍କର ସେବା କରିବାର କାରଣ କ'ଣ ଥିଲା ?

(୪) ଆସ, ସରଳ ଭାଷାରେ ବୁଝାଇ ଲେଖିବା ।

(କ) ବଡ଼ ସ୍ନେହଭରା ଅଥଚ କରୁଣ ସେ ଚାହାଁଣୀ ।

(ଖ) ଯଦି ଚିତ୍ରକର ହୋଇଥାଆନ୍ତି, ତେବେ ତା'ର ଗୋଟିଏ ଅପରୂପ ଛବି ଆଙ୍କି ଦେଇପାରନ୍ତି।

(୫) ଆସ, ତଳେ ଦିଆଯାଇଥିବା ଅନୁଚ୍ଛେଦଟି ପଢ଼ିବା ଓ ତାକୁ ଉତ୍ତର ମନେକରି ତା' ପାଇଁ କିଛି ପ୍ରଶ୍ନ ତିଆରି କରିବା ।

ଘରଘର ବୁଲି ରୋଗୀଙ୍କ ଅବସ୍ଥା ଦେଖୁ । ଡାକ୍ତରଖାନାରୁ ଔଷଧ ନେଇ ଖାଇବାକୁ ଦେଉ । ଗୁରୁତର ରୋଗୀମାନଙ୍କୁ ଡାକ୍ତରଖାନାକୁ ଆଣିବାର ବ୍ୟବସ୍ଥା କରୁ । ସାନିଟାରୀ ଇନ୍ସପେକ୍ଟରଙ୍କୁ ଧରି କୂଅ, ପୋଖରୀ ବିଶୋଧନ କରାଉ । ଅନେକ

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

ସମୟରେ ସାଗୁପାଣି ତିଆରି କରି ସଙ୍ଗରେ ନେଇଥାଉ । ଗରିବମାନଙ୍କର ତାହା ପଥି ହୁଏ, ଆଶ୍ରମରୁ ସକାଳୁ ବାହାରିଗଲେ ଦିନେଦିନେ ଫେରିବାକୁ ରାତି ବେଶି ହୋଇଯାଏ । କିନ୍ତୁ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀଙ୍କର କଡ଼ା ତାଗିଦା ଥାଏ, ସନ୍ଧ୍ୟା ପୂର୍ବରୁ ଫେରିବ । ଆଶ୍ରମ ଭିତରକୁ ଯିବା ପୂର୍ବରୁ ଗୋଡ଼ହାତ ଫିନାଇଲ୍ ପାଣିରେ ଧୋଇବ, ଗରମ ପାଣିରେ ଗାଧୋଇବ ।

(୬) ଆସ, ତଳେ ଥିବା କୋଠରିରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା ।

ସ	ତା	ମା	ଗ	କୃ
ବି	ଲି	ତି	ଛେ	ଞ୍ଚା
ପ୍ର	ମ	ଖ	ତା	ଗି
ର	ଦା	ସ୍ୱେ	ଣ୍ଡ	ଉ
ସେ	କ	ବା	ବ	ଚ୍ଛା

(୭) ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କରିବା ।

(କ) ବାପା ଶେଷ ତିନି ଦିନ __________ ଅବସ୍ଥାରେ ପଡ଼ିରହିଲେ ।

(ଅଚୈତନ, ଅଚୌତନ, ଅଚୈତନ୍ୟ)

(ଖ) ବୋଉର ଶରୀରରେ ରୋଗ __________ ଶକ୍ତି ନଥିଲା ।

(ପ୍ରତିଶେଧକ, ପ୍ରତିଷେଧକ, ପ୍ରତିସେଧକ)

(ଗ) ମା' ପୁଅକୁ __________ କଲେ ।

(ଆଶ୍ରିବାଦ, ଆଶୀର୍ବାଦ, ଆର୍ଶୀବାଦ)

(ଘ) ଶୁଭ __________ ଆସଗଲା ।

(ମୁହୁର୍ତ୍ତ, ମୂହୁର୍ତ୍ତ, ମୁହୂର୍ତ୍ତ)

(ଙ) ରୋଗୀ ପାଇଁ ଉପଯୁକ୍ତ __________ ଆବଶ୍ୟକ ।

(ଶୁଶ୍ରୁଷା, ଶୁଶ୍ରୂଷା, ସୁଶ୍ରୁଷା)

(୮) ଆରମ୍ଭରେ 'ଅ' ଅକ୍ଷର ଯୋଗକରି ପାଞ୍ଚଟି ଶବ୍ଦ ଗଢ଼ିବା ।

ନୂତନ ଶବ୍ଦଗୁଡ଼ିକୁ ଏଠାରେ ଲେଖିବା ।



୧ – ______________________

୨ – ______________________

୩ - ______________

୪ - ______________

୫ - ______________

ସେହି ଶବ୍ଦଗୁଡ଼ିକୁ ନେଇ ବାକ୍ୟ ଗଠନ କରିବା।

୧ ______________________________

୨ ______________________________

୩ ______________________________

୪ ______________________________

୫ ______________________________

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

(୯) ଆସ, ଉପଯୁକ୍ତ ବିପରୀତ ଅର୍ଥବୋଧକ ଶବ୍ଦଗୁଡ଼ିକୁ ବଡ଼କୋଠରିରୁ ବାଛି ସାନକୋଠରିରେ ଲେଖିବା ।

ଅସହଯୋଗ	
ରୋଗାକ୍ରାନ୍ତ	
ପ୍ରତ୍ୟୁଷ	
ଆଶୀର୍ବାଦ	
ଅସମ୍ଭବ	

ସମ୍ଭବ, ସହଜ, ସରଳ, ଅଭିଶାପ, ଶ୍ରଦ୍ଧା, ରୋଗମୁକ୍ତ, ମଧ୍ୟାହ୍ନ, ପ୍ରଦୋଷ, ରଜନୀ, ଶର୍ବରୀ, ସୁମନ, କଲ୍ୟାଣ, ଅସୂୟା, ନୂତନ, ସଂଯୋଗ, ସହଯୋଗ, ସମନ୍ୱୟ

(୧୦) ଏକଥା କିଏ କାହାକୁ କହିଛନ୍ତି ପାଖ ବନ୍ଧନୀ ମଧ୍ୟରେ ଲେଖିବା ।

(କ) "ଯାହା କରିବେ ସାଇଁ, ତାହା କାହାରି ହାତରେ ନାହିଁ" (   )

(ଖ) "ପିଲାଟା କାଲି ରାତିରେ ଜମା ଶୋଇ ନାହିଁ। (   )

(ଗ) "ମୋ ଧନକୁ କିଏ ଆଣିଲାଟି !" (   )

(ଘ) "ଆସିଛୁ ଯେତେବେଳେ ଆଉ ଦୁଇଟାଦିନ ରହିଯା"। (   )

(୧୧) ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ସନ୍ଧିବିଚ୍ଛେଦ କରି ଲେଖିବା ।

ପ୍ରଶ୍ନୋତ୍ତର ________ + ________

ଅଧିକାଂଶ ________ + ________

ଛାତ୍ରାବାସ ________ + ________

ଜଗନ୍ନାଥ ________ + ________

ସ୍ୱେଚ୍ଛା ________ + ________

(୧୨) ଭୁଲ୍ ଲେଖାଥିବା ଶବ୍ଦକୁ ତା'ପାଖରେ ଠିକ କରି ଲେଖିବା ।

ଶିଘ୍ର- ସ୍ନେହପୁର୍ଣ୍ଣ-

ଆଶ୍ୱାଶନା- ସଂଙ୍ଖାହିନ-

ବିକ୍ରୁତି- ଯିଦ୍-

ଆର୍ଶୀବାଦ- ବ୍ୟବସ୍ତା-

ଚାଟଷାଳୀ- ଅଶ୍ପଷ୍ଟ-

ପ୍ରଭୁତି- ଶୁଶ୍ରୁଷା-

ତୁମପାଇଁ କାମ :

କୌଣସି ସେବାମୂଳକ କାର୍ଯ୍ୟରେ ଅଂଶଗ୍ରହଣ ମାଧ୍ୟମରେ ତୁମେ ଲାଭ କରିଥିବା ଅନୁଭୂତିକୁ ବର୍ଣ୍ଣନା କରି ଏକ ବିବରଣୀ ଲେଖ ।

***

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

ପାଠ୍ୟପୁସ୍ତକସ୍ଥ ଅଭ୍ୟାସ କାର୍ଯ୍ୟର ଉତ୍ତର

୧। ଆସ, କଥାବାର୍ତ୍ତା ହେବା ।

(କ) ସେ ସମୟରେ ଗ୍ରାମବାସୀମାନଙ୍କର ଡାକ୍ତର ବିଷୟରେ କ'ଣ ଧାରଣା ଥିଲା ?

ଉ– ସେ ସମୟରେ ଗ୍ରାମବାସୀଙ୍କର ଧାରଣାଥିଲା, ଡାକ୍ତରମାନେ କେବଳ କଟାକଟି କରନ୍ତି । ତେଣୁ ରୋଗ ହେଲେ କେହି ଡାକ୍ତରଙ୍କ ପାଖକୁ ନଯାଇ ବୈଦ୍ୟ ପାଖକୁ ଯାଆନ୍ତି ।

(ଖ) ଛୋଟ ପିଲାମାନେ କାହିଁକି ବୈଦ୍ୟଙ୍କୁ ଦେଖି ଡରୁଥିଲେ ?

ଉ– ଛୋଟ ପିଲାମାନଙ୍କୁ ରୋଗ ହେଲେ, ଅନେକ ସମୟରେ ବୈଦ୍ୟମାନେ, ପିଠିପାଖ ବେକରେ ଲୁହା ତତାଇ ଚଡ଼ୁ ଦେଉଥିଲେ ଓ ସେହି ସ୍ଥାନ ପାଚି ଘାଆ ହୋଇଯାଉଥିଲା । ସେଥିପାଇଁ ଛୋଟ ପିଲାମାନେ ବୈଦ୍ୟଙ୍କୁ ଦେଖି ଡରୁଥିଲେ ।

(ଗ) କଟାଘା'ର ଚିକିତ୍ସା ବିଷୟରେ ସ୍ୱାସ୍ଥ୍ୟରକ୍ଷା ବହିରେ କ'ଣ ଲେଖାଥିଲା ?

ଉ– ପାଠ୍ୟପୁସ୍ତକର ସ୍ୱାସ୍ଥ୍ୟରକ୍ଷା ବହିରେ ଉଲ୍ଲେଖ ଥିଲା ଯେ କଟା ଘା'ରେ ଦୂବକୁ ଛେଚି ବା ପାଟିରେ ଚୋବାଇ ଲଗାଇଦେଲେ ରକ୍ତ ବୋହିବା ସଙ୍ଗେ ସଙ୍ଗେ ବନ୍ଦ ହୋଇଯାଏ ଓ ଘା' ମଧ୍ୟ ଶୀଘ୍ର ଶୁଖିଯାଏ ।

(ଘ) ବୈଦ୍ୟ ଗୋଡ଼ର କଟାଘାଆ ଶୁଖାଇବା ପାଇଁ କେଉଁ ଜିନିଷର ବ୍ୟବହାର କରୁଥିଲେ ?

ଉ– ବୈଦ୍ୟ ଗୋଡର କଟା ଘା' ଶୁଖାଇବା ପାଇଁ, କୌଣସି ଏକ ଗଛର ଗୁଡିଏ ପତ୍ର ଛେଦି ପୂରାଇ ଦେଉଥିଲେ ଓ ଖଣ୍ଡିଏ କନାରେ କଟାସ୍ଥାନକୁ ଜୋରରେ ବାନ୍ଧି ଦେଉଥିଲେ । ପ୍ରତିଦିନ କିଛି କଅଁଳ ଦୁବଘାସ ଛିଡାଇ ତାକୁ ଛେଚି ଗୋଟିଏ ପତ୍ର ପୁଡ଼ିଆରେ ବାନ୍ଧି ଔଷଧରୂପେ ଦେଉଥିଲେ ।

(ଙ) 'ସୁଦୁରିଆନା' କିଏ ?

ଉ– 'ସୁଦୁରିଆନା' ହେଉଛନ୍ତି ମହାନ ଜନସେବକ ସୁଦର୍ଶନ ପ୍ରହରାଜ । ସେ ସାଇକେଲରେ ବୁଲିବୁଲି ଖରାବର୍ଷାକୁ ଖାତିର ନକରି ଅକୁଣ୍ଠ ଚିତ୍ତରେ ରୋଗୀ ଓ ଦୁଃଖୀଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିଲେ ।

ପ୍ରଶ୍ନ ବ୍ୟାଙ୍କ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

୨। ଦୁଇ ବା ତିନୋଟି ଧାଡ଼ିରେ ଆସ ଉତ୍ତର ଲେଖିବା ।

(କ) 'ଯାହା କରିବେ ସାଇଁ, ତାହା କାହାରି ହାତରେ ନାହିଁ' – ଲେଖକଙ୍କ ବାପା ଏକଥା କାହିଁକି କହିଥିଲେ ?

ଉ– ଲେଖକଙ୍କ ବାପା ରୋଗ ଶଯ୍ୟାରେ ପଡ଼ିଥିବା ବେଳେ, ଈଶ୍ୱରଙ୍କ ଉପରେ ଭରସା କରି ଏହା କହିଥିଲେ । ବିଧିର ବିଧାନକୁ କେହି ଅଟକାଇପାରିବେ ନାହିଁ, ଯାହା ହେବାର ଥିବ ତାହା ନିଶ୍ଚୟ ହେବ ।

(ଖ) ବୋଉଙ୍କର ସ୍ନେହପୂର୍ଣ୍ଣ ଆଦେଶ ଲେଖକ ଭାଙ୍ଗି ନ ପାରିବାର କାରଣ କ'ଣ ?

ଉ– ଦିନକ ପାଇଁ ଛୁଟି ନେଇ ଲେଖକ ଘରକୁ ଆସିଥିଲେ ଓ ବୋଉଙ୍କର ଅସୁସ୍ଥତା ହେତୁ ତାଙ୍କୁ ତିନିଦିନ ଅଟକିଯିବାକୁ ପଡ଼ିଲା । କର୍ମକ୍ଷେତ୍ର କଟକ ଫେରିବାକୁ ବୋଉଠାରୁ ଅନୁମତି ମାଗିଲାରୁ, ବୋଉ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ଚାହିଁ ଆଉ ଦୁଇଦିନ ରହିଯିବାକୁ କହିଲେ । ଲେଖକଙ୍କର ବୋଉଙ୍କ ପ୍ରତି ଗଭୀର ଭଲପାଇବା ବା ଅସୁସ୍ଥ ଅବସ୍ଥାରେ ତାହା ଛାଡିଯିବା ଉଚିତ୍ ନୁହେଁ ବୋଲି ବିଚାରକରି, ବୋଉଙ୍କର ସ୍ନେହପୂର୍ଣ୍ଣ ଆଦେଶକୁ ସେ ଭାଙ୍ଗି ପାରି ନଥିଲେ ।

(ଗ) ସୁଦର୍ଶନ ପ୍ରହରାଜଙ୍କର ବ୍ୟକ୍ତିତ୍ୱ କିପରି ଥିଲା ?

ଉ– ସୁଦର୍ଶନ ପ୍ରହରାଜ ଜଣେ ମହାନ୍ ଜନସେବକ ଥିଲେ, ଯିଏ କି ଗାଁ ଗାଁ ବୁଲି ରୋଗୀଙ୍କର ସେବା କରୁଥିଲେ । ସେ ଥିଲେ ବଳିଷ୍ଠ, କର୍ମଠ ଓ ପରଦୁଃଖକାତର, ନିରଳସ ବ୍ୟକ୍ତି । ଶୀତ, ଖରା, ବର୍ଷାକୁ ଖାତିର ନକରି ଭୋକ ଶୋଷ ଭୁଲି ସେ ଅକୁଣ୍ଠ ଚିତ୍ତରେ ରୋଗୀ ଓ ଦୁଃଖୀଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିଲେ ।

(ଘ) ସତ୍ୟବାଦୀ ବିଦ୍ୟାଳୟର ଛାତ୍ରମାନେ କିପରି ରୋଗୀସେବା କରୁଥିଲେ ?

ଉ– ସତ୍ୟବାଦୀ ବିଦ୍ୟାଳୟରେ ରୋଗୀସେବା ପାଠ୍ୟାନ୍ତର୍ଭୁକ୍ତ ଥିଲା ଏବଂ ଆଚାର୍ଯ୍ୟ ମହାଶୟଙ୍କ ତତ୍ତ୍ୱାବଧାନରେ ଅନ୍ତେବାସୀଙ୍କୁ ପାଳିକରି ଏହି ସେବାକାର୍ଯ୍ୟ କରିବାକୁ ହେଉଥିଲା । ଛାତ୍ରାବାସରେ କୌଣସି ପିଲା ଜ୍ୱର କିମ୍ବା ବେମାରରେ ପଡ଼ିଲେ, ତାହାର ସେବା କରିବା ଓ ପଥ୍ୟକରାଇବା ଏବଂ ଡାକ୍ତରଖାନାରୁ ଔଷଧ ଆଣି ଦେବାର ବ୍ୟବସ୍ଥା କରିବାକୁ ହେଉଥିଲା । ଝାଡା ପରିସ୍ରା ହୋଇଗଲେ ବିଛଣା ଧୋଇ ପରିଷ୍କାର କରିବା ଆଦି କାର୍ଯ୍ୟ ରୋଗୀ ସେବା କରୁଥିବା ଛାତ୍ରକୁ ହିଁ କରିବାକୁ ପଡୁଥିଲା ।

୩। ଆସ, ମନେ ପକାଇ ଉତ୍ତର ଲେଖିବା ।

(କ) ଲେଖକ ଉଦୟନାଥ ଷଡ଼ଙ୍ଗୀ ତାଙ୍କ ବାପା ବୋଉଙ୍କର କିପରି ସେବା କରିଥିଲେ ?

ଉ– ଲେଖକ ସତ୍ୟବାଦୀ ବିଦ୍ୟାଳୟରେ ଜଣେ ଆଦର୍ଶ ଛାତ୍ରଭାବେ ଅଧ୍ୟୟନ କରି ରୋଗୀସେବା ସମ୍ପର୍କରେ ଉପଯୁକ୍ତ ଜ୍ଞାନ ଆହରଣ କରିଥିଲେ । ମାଟ୍ରିକ୍ୟୁଲେସନ୍ ପରୀକ୍ଷା ପରେ ଘରେ ଥିଲାବେଳେ ତାଙ୍କ ବାପା ଗ୍ରହଣୀ ଝାଡା ରୋଗରେ ଆକ୍ରାନ୍ତ ହୋଇଥିଲେ । ଲେଖକ ପିତାଙ୍କ ରୋଗଶଯ୍ୟା ନିକଟରେ ଦିନରାତି ବସି ସେବା କରିଥିଲେ । ଝାଡା ରୋଗ ହେତୁ ବାପାଙ୍କ ବିଛଣା ଚାଦର ବାରମ୍ବାର ମଇଳା ହୋଇଯାଉଥିଲା । ତେଣୁ ଘନଘନ ବିଛଣା ଚାଦର ବଦଳାଇବା, ପଥ୍ୟ ଖୁଆଇ ଦେବା, ଉଠି ବସାଇବାରେ ସହାୟତା ପ୍ରଦାନ କରିବା ଆଦି କାର୍ଯ୍ୟ ଲେଖକ ନିଜେ କରୁଥିଲେ । ସାରାରାତି ଅନିଦ୍ରା ହୋଇ ସେ ବାପାଙ୍କ ଦେହ ହାତ ଆଉଁଶି ଦେଉଥିଲେ । ଲେଖକଙ୍କ ସେବାଶୈଳୀ ଏହିପରି ଥିଲା ଯେ ନିଦରୁ ଉଠିଲାମାତ୍ରେ ବାପା ପ୍ରଥମେ ତାଙ୍କୁ ହିଁ ଖୋଜୁଥିଲେ ।

ବାପାଙ୍କ ପରି ବୋଉଙ୍କ ଶେଷ ସମୟରେ ମଧ୍ୟ ଲେଖକ ତାଙ୍କ ପାଖେପାଖେ ରହି ସେବା କରିବାର ସୁଯୋଗ ପାଇଥିଲେ । କଟକରେ ଚାକିରି କରିଥିବା ସମୟରେ ସେଥିଲେ ଦିନକ ପାଇଁ ଛୁଟି ନେଇ ଘରକୁ ଆସି ଦେଖନ୍ତି ତ ବୋଉ ଜ୍ୱର ରୋଗରେ ଶଯ୍ୟାଶାୟୀ ହୋଇଛନ୍ତି । ଲେଖକ ବୋଉଙ୍କ ପାଖରେ ବସିରହି ତାଙ୍କ ପିଠି ଆଉଁସି ଦେଉଥିଲେ । ତିନିଦିନ ରହିଲା ପରେ, କର୍ମକ୍ଷେତ୍ରକୁ ଯିବା ପାଇଁ ଲେଖକ ବୋଉଙ୍କର ଅନୁମତି ମାଗିଥିଲେ । କିନ୍ତୁ ବୋଉ ହୁଏତ ଆଉ ବେଶିଦିନ ବଞ୍ଚିବେ ନାହିଁ ବୋଲି ଅନୁଭବ କରି ପୁଅକୁ ଆଉ ଦୁଇଦିନ ରହିଯିବାକୁ କହିଲେ । ବୋଉଙ୍କ କଥାରେ ଲେଖକ କଟକ ଯିବା କାର୍ଯ୍ୟକ୍ରମ ବାତିଲି କଲେ । ବୋଉଙ୍କର ବିଛଣାରେ ହିଁ ମଳମୂତ୍ର ହୋଇଯାଉଥିଲା । ଲେଖକ ନିଜେ ସେ ସବୁ ବଦଳାଇ ନିଜ ହାତରେ ବିଛଣା ଚାଦର ସଫାକରି ଦେଉଥିଲେ ।

ଏହିପରି ଭାବରେ ଲେଖକ ପିତୃମାତୃ ସେବାକରି ନିଜ ଜୀବନକୁ ଧନ୍ୟକରି ପାରିଥିଲେ ଓ ସେମାନଙ୍କ ଆଶୀର୍ବାଦପ୍ରାପ୍ତ ହୋଇ ଜୀବନର ଉନ୍ନତି ପଥରେ ଅଗ୍ରସର ହୋଇଥିଲେ ।

(ଖ) ସତ୍ୟବାଦୀ ବିଦ୍ୟାଳୟରେ ଛାତ୍ରମାନଙ୍କୁ ରୋଗୀସେବା କାହିଁକି ଶିକ୍ଷା ଦିଆଯାଉଥିଲା ?

ଉ– ସତ୍ୟବାଦୀ ବନବିଦ୍ୟାଳୟ, ସାଧାରଣ ବିଦ୍ୟାଳୟ ନଥିଲା, ତାହା ଥିଲା ମଣିଷ ତିଆରି କାରଖାନା । ସେଠାକାର ଛାତ୍ରମାନେ ପ୍ରତ୍ୟେକ ବିଷୟରେ ଶିକ୍ଷାଲାଭ କରୁଥିଲେ । ସ୍ୱାବଲମ୍ବୀ ହେବା ଓ ସେବା ମନୋବୃତ୍ତି ପ୍ରକାଶ କରିବା ତାଙ୍କ ବିଦ୍ୟାଳୟର ଅନ୍ୟତମ ଉଦ୍ଦେଶ୍ୟ ଥିଲା । ଏପରିକି ସେଠାରେ ରୋଗୀସେବା ପାଠ୍ୟାନ୍ତର୍ଭୁକ୍ତ ଥିଲା । ଆଚାର୍ଯ୍ୟ ମହାଶୟଙ୍କ ଦାୟିତ୍ୱ ଓ ତତ୍ତ୍ୱାବଧାନରେ ଅନ୍ତେବାସୀଙ୍କୁ ପାଳିକରି ରୋଗୀସେବା କାର୍ଯ୍ୟ କରିବାକୁ ପଡୁଥିଲା ।

ରୋଗୀସେବା ପାଳି ଦାୟିତ୍ୱରେ ଥିବା ପିଲା ପ୍ରତିଦିନ ସକାଳେ ଗୋଟିଏ ଛୋଟ ଗ୍ଲାସରେ କିଛିକିଛି ନିମ ଛେଲି ବା ଚିରେଇତା ସିଝାପାଣି ପ୍ରତି ପିଲାଙ୍କୁ ଦେଉଥିଲେ । ଯେତେ ଅରୁଚିକର ହେଲେ ମଧ୍ୟ ସମସ୍ତେ ତାହା ପିଇବାକୁ ବାଧ୍ୟ ଥିଲେ । କାରଣ ରୋଗୀସେବ କାଳେ ଆଚାର୍ଯ୍ୟ ମହାଶୟଙ୍କୁ କହିଦେବ, ସେହି ଭୟରେ କେହି ପିଇବାକୁ ବାରଣ କରିପାରୁ ନଥିଲେ ।

ଛାତ୍ରାବାସର କୌଣସି ପିଲା ଜ୍ୱର ବା କିଛି ବେମାରରେ ପଡ଼ିଲେ ତା' ପାଖରେ ରାତିଦିନ ବସି ରହିବାକୁ ପଡୁଥିଲା । ଡାକ୍ତରଖାନାରୁ ଔଷଧ ଆଣି ଠିକ୍ ସମୟରେ ଖୁଆଇବା, ନିର୍ଦ୍ଦିଷ୍ଟ ବେଳାରେ ଦେହରେ ଉତ୍ତାପ ମାପି ଚାର୍ଟରେ ଲେଖିବା, ଦୁଧ, ସାଗୁ, ବାର୍ଲି, ପସାରୁଣି ପତ୍ର ସଂଗ୍ରହ କରିଆଣି ପଥି କରାଇବା ଆଦି ଦାୟିତ୍ୱ ରୋଗୀ-ସେବକ ଉପରେ ନ୍ୟସ୍ତ ଥିଲା । ଏପରିକି ରୋଗୀର ମୁଣ୍ଡ, ଗୋଡ ଚିପିଦେବା, ଝାଡା, ପରିସ୍ରା ହୋଇଗଲେ ବିଛଣା ଧୋଇ ପରିଷ୍କାର କରିବା ଆଦି କାର୍ଯ୍ୟ ରୋଗୀ ସେବକକୁ ହିଁ କରିବାକୁ ପଡୁଥିଲା । ଏହାହିଁ ଥିଲା ସତ୍ୟବାଦୀ ବିଦ୍ୟାଳୟର ବିଶେଷତ୍ୱ ।

(ଗ) ଆଚାର୍ଯ୍ୟ ମହାଶୟ ଛାତ୍ରାବାସରେ ଶିକ୍ଷାର୍ଥୀମାନଙ୍କର ସେବା କରିବାର କାରଣ କ'ଣ ଥିଲା ?

ଉ- ଆଚାର୍ଯ୍ୟ ମହାଶୟ ଛାତ୍ରାବାସ ଦାୟିତ୍ୱରେ ରହିଥିଲେ । ପ୍ରତ୍ୟେକ ପିଲା କିପରି ସୁସ୍ଥ ଓ ନୀରୋଗ ରହିବେ, ତାହା ତାଙ୍କର ମୂଳଲକ୍ଷ୍ୟ ଥିଲା । ସେଥିପାଇଁ ସେ ଥିଲେ ଋଷି ପ୍ରତିପ, ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ।

ସେତେବେଳେ ସେହି ବିଦ୍ୟାଳୟରେ ରୋଗୀସେବା ପାଠର ଏକ ଅଙ୍ଗ ଥିଲା । ଛାତ୍ରାବାସରେ ରହୁଥିବା ଛୋଟ ପିଲାମାନଙ୍କ ଦେହରେ କାଛୁ ପୂରି ଯାଇଥାଏ । ଆଚାର୍ଯ୍ୟ ମହାଶୟ ନିଜେ ସକାଳେ ନିମପତ୍ର ସିଝା ଚରମ ପାଣିରେ ପିଲାମାନଙ୍କ କାଛୁକୁ ଧୋଇ ଦେଉଥିଲେ । କଷ୍ଟ ହେଉଥିଲେ ମଧ୍ୟ ଆଚାର୍ଯ୍ୟ ମହାଶୟଙ୍କ ଆଗରେ କୌଣସି ପିଲା ମୁଖ ବିକୃତ କରିବାକୁ ସାହସ କରୁ ନଥିଲେ । ପିଲାଙ୍କ ଯନ୍ତ୍ରଣା ଲାଘବ କରିବାକୁ ସେ ସରସ ମଜାଳିଆ କଥା କହି ଏପରି ମଜାଇ ଦେଉଥିଲେ ଯେ, ପିଲା କାଛୁଧୁଆ କଷ୍ଟ ଜାଣିପାରୁ ନଥିଲେ ।

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

୪ । ଆସ, ସରଳ ଭାଷାରେ ବୁଝାଇ ଲେଖିବା ।

(କ) ବଡ଼ ସ୍ନେହଭରା ଅଥଚ କରୁଣ ସେ ଚାହାଁଣୀ ।

ଉ – *ବଡ଼ ସ୍ନେହଭରା .... ସେ ଚାହାଣି ।*

ପ୍ରଦତ୍ତ ଗଦ୍ୟାଂଶଟି ଉଦୟନାଥ ଷଡ଼ଙ୍ଗୀଙ୍କ ଆତ୍ମଚରିତ *'ଗାନ୍ଧି ମହାରାଜାଙ୍କ ଶିଷ୍ୟ'* ରୁ ସଂଗୃହୀତ *'ରୋଗୀସେବା'* ଶୀର୍ଷକ ବିଷୟରୁ ଆନୀତ । ଏଠାରେ ଲେଖକ ନିଜ ରୋଗାକ୍ରାନ୍ତ ବୋଉଙ୍କର ମୃତ୍ୟୁର ଅବ୍ୟବହିତ ପୂର୍ବ ଚାହାଣିରେ ଭରିରହିଥିବା କାରୁଣ୍ୟ ଉପରେ ଆଲୋକପାତ କରିଛନ୍ତି ।

ପିତାଙ୍କ ମୃତ୍ୟୁର ଠିକ୍ ପାଞ୍ଚବର୍ଷ ପରେ ଲେଖକଙ୍କ ବୋଉ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ । ସେ ସମୟକୁ ଲେଖକ କଟକର ଦତ୍ତ ପ୍ରେସରେ ଚାକିରି କରୁଥିଲେ । ଦିନକ ପାଇଁ ଛୁଟି ନେଇ ଘରକୁ ଆସି ସେ ବୋଉଙ୍କୁ ଜ୍ୱର ରୋଗରେ ପୀଡ଼ିତ ଥିବା ଅବସ୍ଥାରେ ଦେଖିଲେ । ବାଧ୍ୟ ହୋଇ ଦୁଇଦିନ ଛୁଟି ବଢ଼ାଇ ବୋଉଙ୍କ ସେବା ଶୁଶ୍ରୂଷା କଲେ । ବୋଉ ସାମାନ୍ୟ ସୁସ୍ଥ ହେବାପରେ କର୍ମକ୍ଷେତ୍ରକୁ ବାହାରିବାକୁ ଅଗ୍ରସର ହେବାରୁ ଆଉ ଦୁଇଦିନ ରହିଯିବାକୁ ବୋଉ ଅତି ବିକଳ ଭାବେ ପୁଅକୁ କହିଲେ । ବୋଉଙ୍କ ସ୍ନେହପୂର୍ଣ୍ଣ କଥା କାଟି ନପାରି ଲେଖକ ରହିବାକୁ ବାଧ୍ୟ ହେଲେ । କିନ୍ତୁ ସେଦିନ ରାତିକୁ ହଠାତ୍ ବୋଉ ସଂଜ୍ଞାହୀନ ହୋଇପଡ଼ିଲେ । ଡାକ୍ତର ଔଷଧର ବ୍ୟବସ୍ଥା କରିବାର ଦିନକ ପରେ ସେ ପ୍ରକୃତିସ୍ଥ ହେଲେ । ମାତ୍ର ରାତିକୁ ଅବସ୍ଥାରେ ଅବନତି ଘଟିଲା । ପାହାନ୍ତା ପହରକୁ ଦୁଆରକୁ ଉଠାଇ ନେବାକୁ ବୋଉ ଲେଖକଙ୍କୁ କହିଲେ । ସେତେବେଳକୁ ତାଙ୍କ ଶେଷ ସମୟ ଆସି ସାରିଥିଲା । ଅନ୍ତିମ ଆଶୀର୍ବାଦ ଦେବାକୁ ଅତି କରୁଣ ଦୃଷ୍ଟିରେ ପୁଅକୁ ଚାହିଁ ହାତ ଉଠାଇବାକୁ ଚେଷ୍ଟା କରି ମଧ୍ୟ ଉଠାଇ ପାରିଲେ ନାହିଁ । ଏହା ଜାଣିପାରି ଲେଖକ ବୋଉଙ୍କ ହାତକୁ ଧରି ଟେକିବାକୁ ଚେଷ୍ଟା କଲେ । ଲେଖକଙ୍କ ହାତକୁ ଧରି ବୋଉ ଆଖିବୁଜିଲେ । ସେହି ସମୟରେ ବୋଉଙ୍କ ଆଖିର ଚାହାଣିରେ ଭରି ରହିଥିଲା ଆକୁଳତା ଯାହାକୁ ଲେଖକ ଶ୍ରେଷ୍ଠ ଆର୍ଶୀବାଦ ବୋଲି ପରବର୍ତ୍ତୀ ସମୟରେ ଅନୁଭବ କରିଥିଲେ ।

(ଖ) ଯଦି ଚିତ୍ରକର ହୋଇଥାଆନ୍ତି, ତେବେ ତା'ର ଗୋଟିଏ ଅପରୂପ ଛବି ଆଙ୍କି ଦେଇପାରନ୍ତି ।

ଉ – *ଯଦି ଚିତ୍ରକର .... ଆଙ୍କି ଦେଇପାରନ୍ତି ।*

ଶଂସିତ ଗଦ୍ୟାଂଶଟି ଉଦୟନାଥ ଷଡ଼ଙ୍ଗୀଙ୍କ ରଚିତ ଆତ୍ମଚରିତ *'ଗାନ୍ଧି ମହାରାଜାଙ୍କ ଶିଷ୍ୟ'*ରୁ ସଂଗୃହୀତ *'ରୋଗୀସେବା'* ଶୀର୍ଷକ ବିଷୟରୁ ଆନୀତ । ଏଠାରେ ଲେଖକ ନିଜ ପିତାଙ୍କ ମୃତ୍ୟୁ ପୂର୍ବର ସ୍ନେହପୂର୍ଣ୍ଣ ଢଳଢ଼ଳ ମୁହଁ ଓ ଆବେଗଭରା ଚାହାଣି ସମ୍ପର୍କରେ ବର୍ଣ୍ଣନା କରିଛନ୍ତି ।

ଲେଖକଙ୍କ ପିତା ୭୨ ବର୍ଷ ବୟସରେ ଇହଲୀଳା ସାଙ୍ଗ କରିଥିଲେ । ମୃତ୍ୟୁ ପୂର୍ବରୁ ସେ ଗ୍ରହଣୀ ଝାଡ଼ା ରୋଗରେ ପୀଡ଼ିତ ଥିଲେ । ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଲେଖକ ତାଙ୍କର ସେବା ଶୁଶ୍ରୁଷା କରିଥିଲେ । ଡାକ୍ତର ଡାକିବାକୁ କହିଥିଲେ ମଧ୍ୟ ତାଙ୍କ ପିତା ବାରଣ କରିଥିଲେ । ହୁଏତ ସେହି ରୋଗରେ ସେ ଶେଷନିଃଶ୍ୱାସ ତ୍ୟାଗ କରିବାକୁ ଚାହିଁଥିଲେ । ଲେଖକ ଗାଁ ବୈଦ୍ୟଙ୍କ ନିକଟରୁ ଔଷଧ ଆଣିଥିଲେ ମଧ୍ୟ ସେ ଖାଇନଥିଲେ । ମୃତ୍ୟୁ ପୂର୍ବରୁ ଶେଷ ତିନିଦିନ ସେ ଅଚୈତନ୍ୟ ଅବସ୍ଥାରେ ରହିଥିଲେ । ଯେତେବେଳେ ଚେତନା ଫେରିଆସେ, ଅତି ଆଦରରେ ସେ ଲେଖକଙ୍କ ମୁହଁ ଓ ପିଠିରେ ହାତ ବୁଲାଇ ଆଣନ୍ତି, ସ୍ନେହପୂର୍ଣ୍ଣ ଚକ୍ଷୁରେ ଚାହିଁ ରହନ୍ତି । ସେହି ଆଖିର ଢଳଢଳ ଚାହାଣିରୁ ସତେଯେପରି ଆଶୀର୍ବାଦର କିରଣ ଝରି ଆସୁଥିବା ପରି ଲେଖକ ଅନୁଭବ କରୁଥିଲେ । ପରବର୍ତ୍ତୀ ସମୟରେ ବାପାଙ୍କର ସେହି ମୁହଁ ଲେଖକଙ୍କ ମାନସପଟରେ ନାଚି ଉଠେ । କୌଣସି ଏକ ମନୋମୁଗ୍ଧକାରୀ ଦୃଶ୍ୟକୁ କେବଳ ଚିତ୍ରକର ହିଁ ରଙ୍ଗତୂଳୀରେ ରୂପ ଦେଇପାରେ । ଲେଖକ ଜଣେ ଚିତ୍ରଶିଳ୍ପୀ ହୋଇ ନଥିବାରୁ ପିତାଙ୍କର ସେହି ରୂପକୁ କେବଳ ସ୍ମରଣ ମାତ୍ର କରିପାରନ୍ତି, ମାତ୍ର ଆଙ୍କି ପାରନ୍ତି ନାହିଁ ।

୫ । ଆସ, ତଳେ ଦିଆଯାଇଥିବା ଅନୁଚ୍ଛେଦଟି ପଢ଼ିବା ଓ ତାକୁ ଉତ୍ତର ମନେକରି ତା' ପାଇଁ କିଛି ପ୍ରଶ୍ନ ତିଆରି କରିବା ।

ଘରଘର ବୁଲି ରୋଗୀଙ୍କ ଅବସ୍ଥା ଦେଖୁ । ଡାକ୍ତରଖାନାରୁ ଔଷଧ ନେଇ ଖାଇବାକୁ ଦେଉ । ଗୁରୁତର ରୋଗୀମାନଙ୍କୁ ଡାକ୍ତରଖାନାକୁ ଆଣିବାର ବ୍ୟବସ୍ଥା କରୁ । ସାନିଟାରୀ ଇନ୍ସପେକ୍ଟରଙ୍କୁ ଧରି କୂଅ, ପୋଖରୀ ବିଶୋଧନ କରାଉ । ଅନେକ ସମୟରେ ସାଗୁପାଣି ତିଆରି କରି ସଙ୍ଗରେ ନେଇଥାଉ । ଗରିବମାନଙ୍କର ତାହା ପଥି ହୁଏ, ଆଶ୍ରମରୁ ସକାଳୁ ବାହାରିଗଲେ ଦିନେ ଦିନେ ଫେରିବାକୁ ରାତି ବେଶି ହୋଇଯାଏ । କିନ୍ତୁ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀଙ୍କର କଡ଼ା ତାଗିଦା ଥାଏ, ସନ୍ଧ୍ୟା ପୂର୍ବରୁ ଫେରିବ । ଆଶ୍ରମ ଭିତରକୁ ଯିବା ପୂର୍ବରୁ ଗୋଡ଼ହାତ ଫିନାଇଲ୍ ପାଣିରେ ଧୋଇବ, ଗରମ ପାଣିରେ ଗାଧୋଇବ ।

ଉ– ପ୍ରଶ୍ନ (କ) ଗୁରୁତର ରୋଗୀମାନଙ୍କ ପାଇଁ କିପରି ବ୍ୟବସ୍ଥା କରିବାକୁ ହୋଇଥାଏ ?

(ଖ) କାହାକୁ ଧରି କୂଅ ପୋଖରୀ ବିଶୋଧନ କରାଯାଏ ?

(ଗ) ସାନିଟାରୀ ଇନିସ୍‌ପେକ୍ଟେରଙ୍କୁ ଧରି କ'ଣ କରାଯାଏ ?

(ଘ) ସାଗୁପାଣି କାହିଁକି ସାଙ୍ଗରେ ନେବାକୁ ହୋଇଥାଏ ?

(ଙ) ଅନେକ ସମୟରେ କ'ଣ ତିଆରି କରି ସାଙ୍ଗରେ ନେବାକୁ ହୋଇଥାଏ ?

(ଚ) ସକାଳୁ ବାହାରି ଗଲେ, ଆଶ୍ରମକୁ କେତେବେଳେ ଫେରିବାକୁ ହୋଇଥାଏ ?

(ଛ) ଗୋପବନ୍ଧୁ ଚୌଧୁରୀଙ୍କର କଡ଼ା ତାଗିଦା କ'ଣ ଥାଏ ?

(ଜ) ସଂନ୍ଧ୍ୟା ପୂର୍ବରୁ ଫେରିବା ପାଇଁ କିଏ ତାଗିଦ କରିଥାନ୍ତି ?

(ଝ) ଆଶ୍ରମ ଭିତରକୁ ଯିବା ପୂର୍ବରୁ କିପରି ପରିଷ୍କାର ହେବାକୁ ପଡ଼ିଥାଏ ?

୬ । **ଆସ, ତଳେ ଥିବା କୋଠରୀରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା ।**

ସ	ତା	ମା	ଗ	କୃ
ବି	ଲି	ତି	ଛେ	ଞ୍ଜା
ପ୍ର	ମ	ଖ	ତା	ଗି
ର	ଦା	ସ୍ୱେ	ଣ୍ଡ	ଉ
ସେ	କ	ବା	ବ	ଚ୍ଛା

ଉ– ତାଲିମ, ସମାଗମ, ସ୍ୱେଚ୍ଛାସେବକ, ପ୍ରଖର, ବିକୃତି, ଛେଉଣ୍ଡ, ତାଗିଦା, ଖଞ୍ଜା ପ୍ରକୃତି, ଛେଲି, ବଚ୍ଛା, ସେବା ।

୭ । **ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କରିବା ।**

(କ) ବାପା ଶେଷ ତିନି ଦିନ ________ ଅବସ୍ଥାରେ ପଡ଼ି ରହିଲେ । (ଅଚଟୈନ, ଅଚୌତନ, ଅଚୈତନ୍ୟ)

(ଖ) ବୋଉର ଶରୀରରେ ରୋଗ ________ ଶକ୍ତି ନଥିଲା । (ପ୍ରତିଶେଧକ, ପ୍ରତିଷେଧକ, ପ୍ରତିସେଧକ)

(ଗ) ମା' ପୁଅକୁ ________ କଲେ । (ଆଶ୍ରିବାଦ, ଆଶୀର୍ବାଦ, ଆର୍ଶୀବାଦ)

(ଘ) ଶୁଭ ________ ଆସିଗଲା । (ମୁହୂର୍ତ୍ତ, ମୂହୁର୍ତ୍ତ, ମୁହୂର୍ତ୍ତ)

(ଙ) ରୋଗୀ ପାଇଁ ଉପଯୁକ୍ତ ________ ଆବଶ୍ୟକ । (ଶୁଶ୍ରୂଷା, ଶୁଶୂଷା, ସୁଶୃଷା)

ଉ– (କ) ଅଚୈତନ୍ୟ, (ଖ) ପ୍ରତିଷେଧକ, (ଗ) ଆଶୀର୍ବାଦ, (ଘ) ମୁହୂର୍ତ୍ତ, (ଙ) ଶୁଶ୍ରୂଷା

୮ । **ଆରମ୍ଭରେ 'ଅ' ଅକ୍ଷର ଯୋଗ କରି ପାଞ୍ଚଟି ଶବ୍ଦ ଗଢ଼ିବା ।**

ନୂତନ ଶବ୍ଦଗୁଡ଼ିକୁ ଏଠାରେ ଲେଖିବା ।

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS





ଉ– ଅଚୈତନ୍ୟ, ଅସାମାନ୍ୟ, ଅହିତକର, ଅଗୋଚର, ଅନୈତିକ

ସେହି ଶବ୍ଦଗୁଡ଼ିକୁ ନେଇ ବାକ୍ୟ ଗଠନ କରିବା ।

ଅଚୈତନ୍ୟ – ରୋଗୀଟି ରୋଗରେ **ଅଚୈତନ୍ୟ** ହୋଇଯାଇଛି ।

ଅସାମାନ୍ୟ – ଗଙ୍ଗାଧର ମେହେର **ଅସାମାନ୍ୟ** କବି ପ୍ରତିଭାର ଅଧିକାରୀ ଥିଲେ ।

ଅହିତକର – ଅତ୍ୟଧିକ ତେଲମସଲାଯୁକ୍ତ ଖାଦ୍ୟ ସ୍ୱାସ୍ଥ୍ୟପ୍ରତି **ଅହିତକର** ।

ଅଗୋଚର – ବିଶ୍ୱକବିଙ୍କ ପୂରାନାମ କାହାକୁ **ଅଗୋଚର** ନଥିବ ।

ଅନୈତିକ – **ଅନୈତିକ** କାର୍ଯ୍ୟରେ ଲିପ୍ତ ହେଲେ ଅବଶ୍ୟ ଦଣ୍ଡ ଭୋଗିବାକୁ ପଡ଼ିଥାଏ ।

୯ । ଆସ, ଉପଯୁକ୍ତ ବିପରୀତ ଅର୍ଥବୋଧକ ଶବ୍ଦଗୁଡ଼ିକୁ ବଡ଼ କୋଠରିରୁ ବାଛି ସାନ କୋଠରିରେ ଲେଖିବା ।

ଅସହଯୋଗ [ ]

ରୋଗାକ୍ରାନ୍ତ [ ]

ପ୍ରତ୍ୟୁଷ [ ]

ଆଶୀର୍ବାଦ [ ]

ଅସମ୍ଭବ [ ]

ସମ୍ଭବ, ସହଜ, ସରଳ, ଅଭିଶାପ, ଶ୍ରଦ୍ଧା, ରୋଗମୁକ୍ତ, ମଧ୍ୟାହ୍ନ, ପ୍ରଦୋଷ, ରଜନୀ, ଶର୍ବରୀ, ସୁମନ, କଲ୍ୟାଣ, ଅସୂୟା, ନୂତନ, ସଂଯୋଗ, ସହଯୋଗ, ସମନ୍ୱୟ

ଉ– ଅସହଯୋଗ – ସହଯୋଗ ରୋଗାକ୍ରାନ୍ତ – ରୋଗମୁକ୍ତ

ପ୍ରତ୍ୟୁଷ – ପ୍ରଦୋଷ ଆଶୀର୍ବାଦ – ଅଭିଶାପ

ଅସମ୍ଭବ – ସମ୍ଭବ

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

୧୦ । ଏକଥା କିଏ କାହାକୁ କହିଛନ୍ତି ପାଖ ବନ୍ଧନୀ ମଧ୍ୟରେ ଲେଖିବା ।

(କ) ‘‘ଯାହା କରିବେ ସାଇଁ, ତାହା କାହାରି ହାତରେ ନାହିଁ’’ ( )

(ଖ) ‘‘ପିଲାଟା କାଲି ରାତିରେ ଜମା ଶୋଇ ନାହିଁ । ( )

(ଗ) ‘‘ମୋ ଧନକୁ କିଏ ଆଣିଲାଟି !’’ ( )

(ଘ) ‘‘ଆସିଛୁ ଯେତେବେଳେ ଆଉ ଦୁଇଟାଦିନ ରହିଯା’’ । ( )

ଉ– (କ) ଲେଖକଙ୍କ ବାପା, ଲେଖକଙ୍କୁ କହିଥିଲେ ।

(ଖ) ଲେଖକଙ୍କ ବାପା, ଲେଖକଙ୍କ ବୋଉକୁ କହିଥିଲେ ।

(ଗ) ଲେଖକଙ୍କ ବୋଉ ଲେଖକଙ୍କୁ କହିଥିଲେ ।

(ଘ) ଲେଖକଙ୍କ ବୋଉ ଲେଖକଙ୍କୁ କହିଥିଲେ ।

୧୧ । ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ସନ୍ଧିବିଚ୍ଛେଦ କରି ଲେଖିବା ।

ପ୍ରଶ୍ନୋତ୍ତର ________ + ________

ଅଧିକାଂଶ ________ + ________

ଛାତ୍ରାବାସ ________ + ________

ଜଗନ୍ନାଥ ________ + ________

ସ୍ୱେଚ୍ଛା ________ + ________

ଉ– ପ୍ରଶ୍ନୋତ୍ତର = ପ୍ରଶ୍ନ + ଉତ୍ତର

ଅଧିକାଂଶ = ଅଧିକ + ଅଂଶ

ଛାତ୍ରାବାସ = ଛାତ୍ର + ଆବାସ

ଜଗନ୍ନାଥ = ଜଗତ୍ + ନାଥ

ସ୍ୱେଚ୍ଛା = ସ୍ୱ + ଇଚ୍ଛା

୧୨ । ଭୁଲ୍ ଲେଖାଥିବା ଶବ୍ଦକୁ ତା' ପାଖରେ ଠିକ୍ କରି ଲେଖିବା ।

ଶିଘ୍ର –	ସ୍ନେହପୁର୍ଣ୍ଣ –
ଆଶ୍ୱାଶନା –	ସଂଜ୍ଞାହିନ –
ବିକ୍ରୁତି –	ଯିଦ୍ –
ଆର୍ଶୀବାଦ –	ବ୍ୟବସ୍ତା –
ଚାଟଷାଳୀ –	ଅସ୍ୱଷ୍ଟ –
ପ୍ରଭୁତି –	ଶୁଶ୍ରୁଷା –

ଉ–

ଭୁଲ୍ ଶବ୍ଦ	ଠିକ୍ ଶବ୍ଦ	ଭୁଲ୍ ଶବ୍ଦ	ଠିକ୍ ଶବ୍ଦ
ଶିଘ୍ର	ଶୀଘ୍ର	ସ୍ନେହପୁର୍ଣ୍ଣ	ସ୍ନେହପୂର୍ଣ୍ଣ
ଆଶ୍ୱାଶନା	ଆଶ୍ୱାସନା	ସଂଜ୍ଞାହିନ	ସଂଜ୍ଞାହୀନ
ବିକ୍ରୁତି	ବିକୃତି	ଯିଦ୍	ଜିଦ୍
ଆର୍ଶୀବାଦ	ଆଶୀର୍ବାଦ	ବ୍ୟବସ୍ତା	ବ୍ୟବସ୍ଥା
ଚାଟଷାଳୀ	ଚାଟଶାଳୀ	ଅସ୍ୱଷ୍ଟ	ଅସ୍ପଷ୍ଟ
ପ୍ରଭୁତି	ପ୍ରଭୂତି	ଶୁଶ୍ରୁଷା	ଶୁଶ୍ରୂଷା

୧୩ । କୌଣସି ସେବାମୂଳକ କାର୍ଯ୍ୟରେ ଅଂଶଗ୍ରହଣ ମାଧ୍ୟମରେ ତୁମେ ଲାଭ କରିଥିବା ଅନୁଭୂତିକୁ ବର୍ଣ୍ଣନା କରି ବନ୍ଧୁଙ୍କ ନିକଟକୁ ଚିଠିଟିଏ ଲେଖ ।

ଉ–

ସୁଜନପୁର
ତା ୨୫.୪.୨୦୧୯

COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

ପ୍ରିୟ ସୁରେଶ,

ଶୁଭେଚ୍ଛା ନେବୁ । ଗତ ଶନିବାର ଦିନ ତୋ' ଚିଠି ପାଇଲି । ହଷ୍ଟେଲ ଜୀବନ ତୋତେ ଭଲ ଲାଗୁଛି ଜାଣି ଖୁସି ହେଲି । ଆଜି ତୋତେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଖବର ଜଣାଉଛି । ତୁ ଜାଣି ଖୁସି ହେବୁ ଯେ ମୁଁ ରେଭେନ୍ସା କଲିଜିଏଟ୍ ସ୍କୁଲ୍‌ର ନେତାଜୀ ସ୍ୱେଚ୍ଛାସେବକ ବାହିନୀରେ ଯୋଗ ଦେଇଛି । ଆମ ସ୍କାଉଟ୍ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଆମେ ଗଡିରାଉତପାଟଣାଠାରେ ଅନୁଷ୍ଠିତ ଝାମୁ ଯାତ୍ରାରେ ସେବାକାର୍ଯ୍ୟ କରିବାପାଇଁ ଯାଇଥିଲୁ ।

ସକାଳ ୯ଟାରେ ଗୋଟିଏ ଟ୍ରେକର ଯୋଗେ ଶିକ୍ଷକଙ୍କ ସହ ଆଠଜଣ ସ୍ୱେଚ୍ଛାସେବୀ ଯାତ୍ରାସ୍ଥଳରେ ପହଞ୍ଚିଲୁ । ସଙ୍ଗରେ ଗୋଟିଏ ତମ୍ବୁ, ଦରି ଓ ବ୍ୟାନର ନେଇଥିଲୁ । ପହଞ୍ଚିଲା ପରେ ସ୍ଥାନୀୟ ୱାର୍ଡମେମ୍ବର ଓ କେତେଜଣ ଯୁବକ ଆମକୁ ସ୍ୱାଗତ କରିଥିଲେ । ନିକଟସ୍ଥ ଏକ ଆମ୍ବତୋଟାରେ ତମ୍ବୁ ପକାଇଲା ପରେ ସଙ୍ଗରେ ନେଇଥିବା ପାନୀୟ ଜଳ ଯୋଗାଣର ସରଞ୍ଜାମ ଧରି ଯାତ୍ରାସ୍ଥଳକୁ ବାହାରିଲୁ । ପୂର୍ବରୁ ଆମ ପାଇଁ ସେଠାରେ ଜଳଖିଆର ବନ୍ଦୋବସ୍ତ କରାଯାଇଥିଲା । ଜଳଖିଆ ଖାଇସାରିଲା ପରେ ପରେ ସ୍ଥାନୀୟ ସରପଞ୍ଚ ଆସି ମଧ୍ୟାହ୍ନ ଭୋଜନ ପାଇଁ ନିମନ୍ତ୍ରଣ କରିଗଲେ । ତମ୍ବୁରେ ଥିବା ଆମ ଜିନିଷପତ୍ର ଦାୟିତ୍ୱରେ ବିଦ୍ୟାଳୟର ପିଅନ ରବି ଭାଇ ରହିଲେ ।

ମଧ୍ୟାହ୍ନରେ ଯାତ୍ରା ଆରମ୍ଭ ହେବାର ଥିଲା । ଗ୍ରୀଷ୍ମର ପ୍ରାଦୁର୍ଭାବ କ୍ରମେ ବଢ଼ିବାକୁ ଲାଗିଲା । ଯାତ୍ରୀସଂଖ୍ୟା ମଧ୍ୟ ଧୀରେ ଧୀରେ ବୃଦ୍ଧି ପାଇବାକୁ ଲାଗିଲା । ସ୍ଥାନୀୟ ନଳକୂପରୁ ପାଣି ଆଣି ଚାରିଗୋଟି ଡ୍ରମ୍‌ରେ ରଖିଲୁ । ଖରାତାତି ବଢ଼ିବା ସହିତ ଆମ କାର୍ଯ୍ୟର ତତ୍ପରତା ବୃଦ୍ଧି ପାଇଲା । ଚାରିଜଣ ଜଳ ଯୋଗାଣ ଦାୟିତ୍ୱରେ ରହିଲେ, ଦୁଇଜଣ ପିଲା ନଳକୂପରୁ ପାଣି ଆଣି ଡ୍ରମ୍‌ରେ ଭରିବା ଦାୟିତ୍ୱରେ ଥିଲେ । ଆଉ ଦୁଇଜଣ ଯାତ୍ରୀମାନଙ୍କୁ ଶୃଙ୍ଖଳିତଭାବେ ଯାତ୍ରା ଦେଖିବା କାର୍ଯ୍ୟରେ ସାହାଯ୍ୟ କରିବାକୁ ମୁତୟନ ହେଲେ । ଆମ ଗୁରୁଜୀ ଆମମାନଙ୍କର କାର୍ଯ୍ୟ କିପରି ସୁପରିଚାଳିତ ହେବ ତାହା ବୁଝାବୁଝି କରୁଥିଲେ

ଖରା ତେଜ ସହି ନପାରି ଦୁଇ ତିନିଜଣ ବୃଦ୍ଧା ଅଚେତ ହୋଇ ପଡ଼ିଥିଲେ । ସେମାନଙ୍କୁ ଟେକିଆଣି ଶିବିରରେ ପ୍ରାଥମିକ ଚିକିତ୍ସା ପ୍ରଦାନ କରିଥିଲୁ । ଆମର କାମ ଦେଖି ସ୍ଥାନୀୟ ଲୋକେ ପ୍ରଶଂସା କରୁଥିଲେ ବୟସ୍କ ଲୋକମାନେ ଆମକୁ କଲ୍ୟାଣ କରୁଥିଲେ ।

ସୁରେଶ, ତୁ ବିଶ୍ୱାସ କରିପାରିବୁନି, ସେଦିନର ସେ ଅନୁଭୂତି ଆମକୁ ଏତେ ଆନନ୍ଦ ଦେଇଥିଲା ଯେ ଆମେ ଜୀବନରେ ତାହା ଭୁଲିପାରିବୁନି । ମଧ୍ୟାହ୍ନ ଭୋଜନ ଆମ କ୍ୟାମ୍ପକୁ ଆସିଲାପରେ ଜଣ ଜଣ କରି ଯାଇ ଖାଇଆସି କାମରେ ଲାଗିପଡ଼ିଥିଲୁ । ଅପରାହ୍ଣକୁ ଗହଳି ଧୀରେ ଧୀରେ କମିବାକୁ ଲାଗିଲା । ୫ଟା ପରେ ଆମେ ଶିବିରକୁ ଫେରିଲୁ । ସ୍ଥାନୀୟ କିଛି ଭଦ୍ରବ୍ୟକ୍ତି ଜଳଖିଆ ଆଣି ଆମକୁ ଖାଇବାକୁ ଦେଲେ । ସନ୍ଧ୍ୟାରେ ଜିନିଷପତ୍ର ଗାଡ଼ିରେ ଲଦି ହଷ୍ଟେଲକୁ ଫେରିଲୁ । ପରଦିନ ପ୍ରଧାନଶିକ୍ଷକ ପ୍ରାର୍ଥନା ସଭାରେ ଆମକୁ ଗୋଟିଏ ଗୋଟିଏ ପ୍ରଶଂସାପତ୍ର ଦେଇ ପୁରସ୍କୃତ କଲେ ।

ମୁଁ ପୁରୀ ଗଲେ ତମ ହଷ୍ଟେଲକୁ ନିଶ୍ଚୟ ଯିବି । କାଲି ମୁଁ ବାପାଙ୍କ ସହ ଘରକୁ ଆସିଥିଲି । ସୋମବାର ସକାଳୁ ହଷ୍ଟେଲ ଚାଲିଯିବି । ଚିଠି ପାଇ ଚିଠି ଦେବୁ । ଏତିକିରେ ରହୁଛି । । ଇତି ।

ତୋର ମମତାବନ୍ଧ ରଘୁ

OBS COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

ଠିକଣା

ପ୍ରେରକ

ରଘୁନାଥ ଛୋଟରାୟ

ଗ୍ରା./ପୋ.ଅ. – ସୁଜନପୁର

ଜି. – ଯାଜପୁର

ଗ୍ରାହକ **ଟିକଟ**

ସୁରେଶ ଚନ୍ଦ୍ର ରାଉତ (୮ମ ଶ୍ରେଣୀ)

ଟାଉନ ହାଇସ୍କୁଲ ଛାତ୍ରାବାସ

ପୋ.ଅ. – ପୁରୀ ଟାଉନ

ଜି. – ପୁରୀ

ତୁମ ପାଇଁ କାମ

କୌଣସି ସେବାମୂଳକ କାର୍ଯ୍ୟରେ ଅଂଶଗ୍ରହଣ ମାଧ୍ୟମରେ ତୁମେ ଲାଭ କରିଥିବା ଅନୁଭୂତିକୁ ବର୍ଣ୍ଣନା କରି ଏକ ବିବରଣୀ ଲେଖ ।